# ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ, ଓଡିଶା, କଟକ

## ବିଜ୍ଞପ୍ତି

**ବିଜ୍ଞପ୍ତି ସଂଖ୍ୟା: ୧୨୦୨୧** **ତାରିଖ: ୨୩.୦୭.୨୦୨୦**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜୀବେ ନିଷ୍ଠୁରତା ନିରୋଧ (କୁକୁର ପ୍ରଜନନ ଏବଂ ବିପଣନ) ଅଧିନିୟମ, ୨୦୧୭ (The Prevention of Cruelty to Animals – Dog Breeding and Marketing Rules, 2017) ଏବଂ ଜୀବେ ନିଷ୍ଠୁରତା ନିରୋଧ (ପୋଷା ଜୀବଜନ୍ତୁ ଦୋକାନ) ଅଧିନିୟମ, ୨୦୧୮ (The Prevention of Cruelty to Animals – Pet Shop Rules, 2018) ଯଥାକ୍ରମେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ଅଧିସୂଚନା ସଂଖ୍ୟା ୭୮୭୫ ଓ ୭୮୮୪ ତା-୧୭-୦୭-୨୦୨୦ରିଖ ଜରିଆରେ ସମଗ୍ର ରାଜ୍ୟରେ ତତ୍କାଳ ପ୍ରଚଳନ କରାଯାଇଛି। ଉପରୋକ୍ତ ଦୁଇ ଅଧିନିୟମ ଅନୁଯାୟୀ ରାଜ୍ୟର ସମସ୍ତ କୁକୁର ପ୍ରଜନନ ଓ ବିପଣନ ଏବଂ ପୋଷା ଜୀବଜନ୍ତୁ ଦୋକାନ/ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ଅଧିସୂଚନା ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ରାଜ୍ୟ ପଶୁକଲ୍ୟାଣ ପରିଷଦ (State Animal Welfare Board)ଙ୍କ ଦ୍ୱାରା ପଞ୍ଜିକୃତ ହେବା ବାଧ୍ୟତାମୂଳକ ଅଟେ। ପଞ୍ଜିକୃତ ହୋଇନଥିବା ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକୁ କାର୍ଯ୍ୟକ୍ଷମ କରାଗଲେ ସମ୍ପୃକ୍ତ ପ୍ରତିଷ୍ଠାନ ଆଇନ ଅନୁଯାୟୀ ଦଣ୍ଡିତ ହେବେ। ପଞ୍ଜୀକରଣ ପାଇଁ ଉପରୋକ୍ତ ପ୍ରତିଷ୍ଠାନ ଗୁଡିକ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ (CDVO)ଙ୍କ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ ଫର୍ମ ଏବଂ ପଞ୍ଜିକରଣ ସମ୍ବନ୍ଧୀୟ ସବିଶେଷ ସୂଚନା ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ୱେବସାଇଟ www.odishaahvs.nic.in ରେ ଉପଲବ୍ଧ କରାଯାଇଛି।

**ନିର୍ଦ୍ଦେଶକ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ତଥା**
**ସଦସ୍ୟ ସଚିବ, ରାଜ୍ୟ ପଶୁକଲ୍ୟାଣ ପରିଷଦ, ଓଡିଶା, କଟକଙ୍କ ଆଦେଶ ମତେ**

୨୩.୦୭.୨୦୨୦

**ସହକାରୀ ନିର୍ଦ୍ଦେଶକ, ଲୋକ ସମ୍ପର୍କ**